# ସମ୍ବାଦ

# ତାରିଖ: ୨୪.୦୩.୨୦୧୯

## ବିଆଇଆଇଟିଏମ୍‌ର ବାର୍ଷିକ ଉତ୍ସବ 'ଜସନ୍-୨୦୧୯'

ଚନ୍ଦ୍ରଶେଖରପୁର, ୨୩/୩(ଇମିସ): ପଟିଆସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ୍ ଷ୍ଟଡିଜ୍(ବିଆଇଆଇଟିଏମ୍)ର ବାର୍ଷିକ ଉତ୍ସବ 'ଜସନ୍-୨୦୧୯' ମଞ୍ଚେଶ୍ୱର ରେଲ୍‌ୱେ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଏସ୍‌ଆର୍‌ବି ଆସୋସିଏଟ୍‌ର ମୁଖ୍ୟ ରାଜୀବ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ହାଇସି କନ୍‌ସଲ୍‌ଟିଂ ଲିମିଟେଡ୍‌ର ନିର୍ଦ୍ଦେଶକ ଡ. ଶୁଭେନ୍ଦୁ ଦାସ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର୍ ଡ. ପି.କେ ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ପ୍ରଫେସର୍ ଇଂ.ପିଆର୍ ପଟ୍ଟନାୟକ ବିଆଇଆଇଟିଏମ୍‌କୁ ଜାତୀୟସ୍ତରରେ ଏକ ଅଗ୍ରଣୀ ମ୍ୟାନେଜମେଣ୍ଟ୍ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ବୋନିତା ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ।